

# କଟକ ସିଟି

**ଗୀତିକାରଙ୍କୁ ଅପହରଣ ଓ ମରଣାନ୍ତକ ଆକ୍ରମଣ ଘଟଣା**

# ହ୍ୟୁମାନ୍‌ଙ୍କ ମ୍ୟାନେଜର ଦିନେଶ ଗିରଫ



■ ଚନ୍ଦକା ଅଞ୍ଚଳରେ ଆତ୍ମଗୋପନ କରିଥିଲା ଅଭିଯୁକ୍ତ
■ ଚଢ଼ଉ କରି ଗିରଫ କଲା ବାଦାମବାଡ଼ି ଥାନା ପୁଲିସ

**କଟକ,୧୪ ।୩(ସମିସ)**

ଓଲିଉଡ଼ର ଗୀତିକାରଙ୍କୁ ଅପହରଣ କରି ନେଇ ମରଣାନ୍ତକ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ବାଦାମବାଡ଼ି ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଦିନେଶ ବେହେରା ଓରଫ୍ ପପୁ(୨୬) ଚନ୍ଦକା ଅଞ୍ଚଳରେ ଆତ୍ମଗୋପନ କରିଥିବା ବେଳେ ପୁଲିସ ତାକୁ ଧରିଥିଲା। ସେ ପ୍ରଚ୍ଛଦପଟ୍ଟ ଗାୟକ ହ୍ୟୁମାନ୍ ସାଗରଙ୍କ ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲା। ପପୁର ଘର ପୁରୀଘାଟ ଥାନା ଅନ୍ତର୍ଗତ ବାଖରାବାଦ ଅଞ୍ଚଳରେ। ସେ ପ୍ରମୋଦଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲା। ପୁଲିସ ତା'ର ୩ଟି ମୋବାଇଲ୍ ଫୋନ୍‌କୁ ଟ୍ରାକ୍ କରି ବିଫଳ ହୋଇଥିଲା। ସେ ତା'ର ଫୋନ୍‌କୁ ବନ୍ଦ ରଖିଥିବାରୁ ତା'ନିକଟରେ ପହଞ୍ଚିବା ପୁଲିସ ପାଇଁ କଷ୍ଟକର ହୋଇ ପଡ଼ିଥିଲା। ଶେଷରେ ବାଦାମବାଡ଼ି ଥାନା ପୁଲିସର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ପପୁକୁ କାବୁ କରିଥିଲା। ଆଜି କୋର୍ଟ ଚାଲାଣ ପରେ ତାକୁ ଚୌଦ୍ୱାର ଜେଲ୍ ପଠାଇ ଦିଆଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗୀତିକାର ପ୍ରମୋଦଙ୍କ ଘର ଜଗତସିଂହପୁର ଜିଲ୍ଲା ଏରସମା ଅଞ୍ଚଳରେ ହୋଇଥିବା ବେଳେ ସେ ଦୀର୍ଘଦିନ ହେବ ପାଲାମଣ୍ଡପ ଅଞ୍ଚଳରେ ଭଡା ଘରେ ରହୁଛନ୍ତି। ଗତ ଫେବୃଆରୀ ୨୯ ତାରିଖ ଅପରାହ୍ଣରେ ହ୍ୟୁମାନ୍ ସାଗରଙ୍କ ମ୍ୟାନେଜର ତଥା ସହଯୋଗୀମାନେ ପ୍ରମୋଦଙ୍କ ପାଲାମଣ୍ଡପସ୍ଥିତ ଭଡ଼ାଘରକୁ ଆସି କବାଟ ବାଡେଇ ଥିଲେ। ପ୍ରମୋଦ କବାଟ ଖୋଲିବାରୁ ତାଙ୍କୁ ମାଡ ମାରି ପ୍ରଥମେ ଘର ବାହାରକୁ ନେଇଥିଲେ। ସେଠାରେ ବନ୍ଧୁକ ଦେଖାଇ ଧମକ ଦେଇ ହ୍ୟୁମାନ୍ ସାଗରଙ୍କ କାର୍ଯ୍ୟାଳୟକୁ ନେଇ ଯାଇ ହାତଗୋଡ ବାନ୍ଧି ଦେଇଥିଲେ। ତା'ପରେ ଅକଥନୀୟ ଅତ୍ୟାଚାର କରିଥିଲେ। ହାତ, ଗୋଡ ଓ ଛାତିକୁ ମାରି ରକ୍ତାକ୍ତ କରିବା ପରେ ମୁଖ୍ୟ ଅଭିଯୁକ୍ତ ଦିନେଶ୍ ଏକ ଲୁହା ରଡ୍‌ରେ ପ୍ରମୋଦଙ୍କ ମୁଣ୍ଡକୁ ଆଘାତ ଦେଇଥିଲା। ଯାହାଫଳରେ ଘଟଣାସ୍ଥଳରେ ସେ ଅଚେତ ହୋଇ ପଡ଼ିଥିଲେ। ଏହାପରେ ତାଙ୍କୁ ଦିନେଶ୍ ଓ ତାର ସହଯୋଗୀ ଆଣି ପାଲାମଣ୍ଡପସ୍ଥିତ ଭଡା ଘର ବାହାରେ ଛାଡି ଦେଇ ପଳାଇଥିଲେ। ଚେତାଶୂନ୍ୟ ଅବସ୍ଥାରେ ପ୍ରମୋଦ ଘର ବାହାରେ ରକ୍ତ ଜୁଡୁବୁଡୁ ହୋଇ ପଡ଼ି ଛଟପଟ ହେଉଥିଲେ। ଏହା ଦେଖି ପଡୋଶୀ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲେ। ସେ ପ୍ରାଥମିକ ଚିକିତ୍ସା ପରେ ବାଦାମବାଡ଼ି ଥାନାକୁ ଆସି ଦିନେଶ୍ ବିରୋଧରେ ଏତଲା ଦେଇଥିଲେ। ଏତଲା ଦେବାର ଗୋଟିଏ ଦିନ ପରେ ଗୁରୁତର ପ୍ରମୋଦଙ୍କ ସ୍ୱାସ୍ଥ୍ୟବସ୍ଥା ଆହୁରି ବିଗିଡ଼ ଯାଇଥିଲା। ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ। ଆଇଆଇସି ଅଜୟ କୁମାର ରାଉଳଙ୍କ ନେତୃତ୍ୱରେ ଏକ ସ୍କ୍ୱାଡ୍ ଗଠନ କରାଯାଇ ଘଟଣାର ତଦନ୍ତ କରାଯାଇଥିଲା। ପ୍ରଥମେ ପ୍ରମୋଦଙ୍କ ଘର ବାହାରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍‌କୁ ପୁଲିସ ଜବତ କରିଥିଲା। ଉକ୍ତ ଭିଡିଓରେ ଅଭିଯୁକ୍ତ ଦିନେଶ୍ ଓ ତାର ସହଯୋଗୀ ତାଙ୍କୁ ମାଡ ମାରି ଅପହରଣ କରି ନେଉଥିବା ଦୃଶ୍ୟ ପୁଲିସ ଦେଖିବାକୁ ପାଇଥିଲା। ପୁଲିସ ଅଭିଯୁକ୍ତଙ୍କୁ ଧରିବାକୁ ପୁରୀଘାଟ ଥାନା ଅଞ୍ଚଳରେ ଚଢ଼ଉ କରିଥିଲା। ବାଖରାବାଦରେ ଥିବା ଦିନେଶ୍‌ର ଘର ଉପରେ ମଧ୍ୟ ଚଢ଼ଉ ହୋଇଥିଲା। ଗିରଫ ହେବା ଜାଣି ସେ କଟକରୁ ଫେରାର ହୋଇଯାଇଥିଲା। ଶେଷରେ ଆଇଆଇସି ଶ୍ରୀ ରାଉଳ ହ୍ୟୁମାନଙ୍କୁ ଜେରା କରିଥିଲେ ମଧ୍ୟ ଦିନେଶ୍‌ର ଖୋଜଖବର ପାଇନଥିଲେ। ହ୍ୟୁମାନ୍ ଦିନେଶକୁ ଚାକିରୀରୁ ବାହାର କରି ଦେଇଛନ୍ତି ବୋଲି ପୁଲିସକୁ କହିଥିଲେ। ପୁଲିସ ନିରାଶ ହୋଇ ହ୍ୟୁମାନ୍‌ଙ୍କ ଘରୁ ଫେରିଥିଲା। ଆଜି ଏକ ବିଶେଷସୂତ୍ରରୁ ଖବର ପାଇ ପୁଲିସ ଚନ୍ଦକା ଅଞ୍ଚଳରେ ଚଢ଼ଉ କରି ଦିନେଶ୍‌କୁ ଗିରଫ କରିବାରେ ସଫଳ ହୋଇଛି। ହ୍ୟୁମାନ୍‌ଙ୍କ ସହଯୋଗୀ ଦିନେଶ୍ ସହିତ ୫ଜଣ ଯୁବକ ଗୀତିକାର ପ୍ରମୋଦଙ୍କୁ ମାଡ ମାରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏବେ ପୁଲିସ ଅନ୍ୟ ୪ଜଣଙ୍କୁ ଖୋଜୁଥିବା କହିଛି।

ଏଠାରେ ସୂଚନାଯୋଗ୍ୟ, ଗୀତିକାର ପ୍ରମୋଦ ଦୀର୍ଘଦିନ ହେବ ହ୍ୟୁମାନ୍‌ଙ୍କ ନାଁରେ ସୋସିଆଲ୍ ମିଡିଆରେ ଆପତ୍ତିଜନକ ମନ୍ତବ୍ୟ ଲେଖୁଥିଲେ। ଏସବୁକୁ ବିରୋଧ କରି ଦିନେଶ୍ ଓ ତା' ସହଯୋଗୀମାନେ ପ୍ରମୋଦଙ୍କୁ ଉପରେ ମରାଣାନ୍ତକ ଆକ୍ରମଣ କରିଥିଲେ। ପ୍ରମୋଦଙ୍କ ଏତଲାକୁ ପୁଲିସ ପଞ୍ଜିକୃତ କରି ତଦନ୍ତ ଚଳାଇଥିଲା। ମ୍ୟୁଜିକ୍ ଡାଇରେକ୍ଟର ଓ ଲିରିସିଷ୍ଟ ଆସୋସିଏସନ୍‌ର କର୍ମକର୍ତ୍ତାମାନେ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଅଭିଯୁକ୍ତ ଦିନେଶ ନାଁରେ ପୂର୍ବରୁ ୬ଟି ମାମଲା ରହିଛି। ସିଡିଏ ଫେଜ୍-୨ଥାନାରେ ୩ଟି ଓ ପୁରୀଘାଟ ଥାନାରେ ୩ଟି ସଂଗୀନ ମାମଲା ରହିଛି।

## ଉଠା ଦୋକାନ ଗୃହ ବଣ୍ଟନ



**କଟକ,୧୪ ।୩(ସମିସ):** ମହାନଗର ନିଗମ ସଭାଗୃହରେ ମେୟର ସୁବାସ ସିଂ କଟକ ମହାନଗର ନିଗମ ଅଧୀନରେ ଥିବା ଭିନ୍ନ ଭିନ୍ନ ଭେଣ୍ଡିଂ ଜୋନ୍ ମାନଙ୍କରେ ୧୪ଜଣ ଉଠା ଦୋକାନୀକୁ ଦୋକାନ ଘର ବଣ୍ଟନ କରିଥିଲେ। ଦୋକାନ ଘର ପାଇଥିବା ହିତାଧିକାରୀଙ୍କ ମଧ୍ୟରେ ବିଜୟ କୁମାର ବେହେରା, ନବୀ ବକ୍ସ, ମହମ୍ମଦ ଜାକିର, ରିୟାଜ ଖାନ, ଏମଟୁ ନଇମ, ଦେବେନ୍ଦ୍ର ସାହୁ , ଗୌରବ ସାହୁ, ପ୍ରଶାନ୍ତ କୁମାର ସାହୁ, ମିର୍ଜା ରାଜା, ସୁବ୍ରତ ଦାସ ପ୍ରମୁଖ ରହିଛନ୍ତି। ଏହି ସମାରୋହରେ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ପ୍ରଳୟା ବେଉରା, କର୍ପୋରେଟର ରିତାଞ୍ଜଳି ବେହେରା, କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହରା, ସିଏମ୍‌ସି ଉପ ଆୟୁକ୍ତ ଶ୍ୱେତପଦ୍ମା ଡି ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗୁଲ୍‌ମୋହର ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ

**କଟକ,୧୪।୩(ସମିସ):** ଝାଞ୍ଜିରୀମଙ୍ଗଳାର ଚକୋଲେଟ ଲେନସ୍ଥିତ ଗୁଲ୍‌ମୋହର ପ୍ଲେ ସ୍କୁଲର ୧୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଟକ ଉପଜିଲ୍ଲାପାଳ କମଳଜିତ ଦାସ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ଏଥି ସହିତ କଟକ ସଦରର ଅତିରିକ୍ତ ଡିସିପି ଅନିଲ କୁମାର ମିଶ୍ର ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ବିଷ୍ଣୁପ୍ରିୟା ଭୂୟାଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଗୀତା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ତନ୍ମଧ୍ୟରୁ ନୈତିକ ମୂଲ୍ୟବୋଧ ଭିତ୍ତିକ ନାଟକ 'ମଣିଷର ବଡ଼ପଣ', ପିଲାମାନଙ୍କର 'କଣ୍ଢେଇ ବାହାଘର', ଆଧ୍ୟାତ୍ମିକ ଭିତ୍ତିକ କାର୍ଯ୍ୟକ୍ରମ ଗୁଡିକ ଖୁବ ଚିତାକର୍ଷକ ଓ ଶିକ୍ଷଣୀୟ ହୋଇଥିଲା।

**ନାବାଳିକାକୁ ଅସଦାଚରଣ ଘଟଣା**

## ଦୋଷୀକୁ ୩ ବର୍ଷ ସଶ୍ରମ ଜେଲ୍

**କଟକ,୧୪ ।୩(ସମିସ):** ଜନୈକା ନାବାଳିକାକୁ ଅସଦାଚରଣ କରିବା ଅଭିଯୋଗରେ ଦୋଷୀକୁ କଟକସ୍ଥିତ ଏଡିଜେ ତଥା ସ୍ୱତନ୍ତ୍ର ପକ୍ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ପକ୍ସୋ ଅଦାଲତ ବିଚାରପତି ଅଶୋକ କୁମାର ପହି ଆସାମୀ ତଥା ବାଲେଶ୍ୱର ଜିଲ୍ଲା ଶିକ୍ସାଞ୍ଚଳ ଥାନା ଗଣେଶ୍ୱରପୁର ଅଞ୍ଚଳର ସନିଆ ସିଂ(୩୫)କୁ ୩ବର୍ଷ ସଶ୍ରମ ଜେଲ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲ ଦଣ୍ଡ ଆସାମୀ ଭୋଗିବେ ବୋଲି ଅଦାଲତ କହିଛନ୍ତି। ଅନ୍ୟପଟରେ ନାବାଳିକା ପୀଡିତାଙ୍କୁ ୧ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ମଧ୍ୟ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ୨୦୨୨ଅକ୍ଟୋବର୧୭ରେ କଟକ ଜଗତପୁର ଥାନା ଅଞ୍ଚଳର ପୀଡିତା ୧୬ବର୍ଷିୟା ନାବାଳିକା ଜଣକ ନିଜ ଘରେ ଏକୁଟିଆ ଥିବା ବେଳେ ଆସାମୀ ଜଣକ ନାବାଳିକାକୁ ଅସଦାଚରଣ କରିଥିଲା । ପୁଲିସ ୨୨ତାରିଖରେ ଆସାମୀ ସନିଆକୁ ଗିରଫ କରିବା ସହ ୨୦୨୨ନଭେମ୍ବର୯ରେ ଚାର୍ଜସିଟ ଦାଖଲ କରିଥିଲା । ଅଦାଲତ ମୋଟ ୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ଓ ୧୪ଟି ପ୍ରମାଣ ଦସ୍ତାବିଜ ଆଧାରରେ ଅଦାଲତ ଆସାମୀକୁ ୩ବର୍ଷ ଜେଲ୍ ଦଣ୍ଡ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି।










## ଦୁର୍ଘଟଣାରେ ଦୁଇ ବାଇକ୍‌ଆରୋହୀ ମୃତ

**ବାଙ୍କୀ,୧୪।୩(ସମିସ):** ଆଜି ସକାଳ ଦିବା ୧୦ଘଟିକା ସମୟରେ ବାଙ୍କୀ କୁଶୁପଙ୍ଗିର ଚକାଆମ୍ବ ଠାରେ ଦୁଇଜଣ ବାଇକ୍ ଆରୋହୀ ଏକ ମିକ୍ସଚର୍ ମେସିନ୍ ସହ ମୁହାଁ ମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ବଡମ୍ବା ଶଙ୍ଖାମେରୀ କନ୍ତପଡା ଶିଶୁ ବଗି. ସାହିର ଆଦିତ୍ୟ ମହାନ୍ତି (୨୫) ଓ ଶିବପ୍ରସାଦ ମହାନ୍ତି (୩୦) ଏକ ବାଇକ୍‌ରେ ବାଙ୍କୀ ପଟୁ କଟକ ରାସ୍ତାରେ ଗଲାବେଳେ କୁଶୁପଙ୍ଗିର ଚକାଆମ୍ବ ଠାରେ ଏକ ମିକ୍ସଚର୍ ମେସିନ୍ ସହିତ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ବାଙ୍କୀ ଉପଖଣ୍ଡ ଡାକ୍ତରଖାନାରେ ସେମାନଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ବାଙ୍କୀ ଥାନାରେ ମାମଲା ରୁଜୁ ହୋଇଥିବା ସହ ମିକ୍ସଚର୍ ମେସିନ୍ ଏବଂ ବାଇକ୍‌କୁ ଥାନା ଆଇଆଇସି ଶିବ ଚରଣ ବେହେରା ଜବତ କରି ଥାନରେ ରଖିଛନ୍ତି।

## ଯୁବକଙ୍କ ଅକାଳ ମୃତ୍ୟୁ

**ବଡମ୍ବା,୧୪।୩(ସମିସ):** ବେଲିଆପାଳ ଗ୍ରାମ ପଞ୍ଚାୟତ ଡମଣଗାଡିଆ ଗ୍ରାମର ରତିକାନ୍ତ ଦଳେଇ (୨୨) ଙ୍କର କିଡନୀ ଜନିତ ରୋଗରେ ମୃତ୍ୟୁ ଘଟିଛି। ସୂଚନାରୁ ପ୍ରକାଶ ଡମଣଗାଡିଆ ଗ୍ରାମର ରତିକାନ୍ତ ଦଳେଇ ଗତ ୨୦୨୨ ମସିହାରୁ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଗତ ମଙ୍ଗଳବାର ଦିନ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା ସେଠାରେ ଚିକିତ୍ସିତ ଅବସ୍ଥାରେ ଆଜି ସକାଳ ୮ ଘଟିକା ସମୟରେ ତାଙ୍କର ପରଲୋକ ହୋଇଯାଇଛି।

## କାର୍ଯ୍ୟରେ ଯୋଗଦେଲେ ନୂତନ ତହସିଲଦାର

**ମାହାଙ୍ଗା,୧୪।୩(ସମିସ):** ମାହାଙ୍ଗା ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ସୁଶାନ୍ତ କୁମାର ମିଶ୍ର କାର୍ଯ୍ୟରେ ଆଜି ଯୋଗଦେଇଛନ୍ତି। ତହସିଲଦାର ଶ୍ରୀ ମିଶ୍ର ଅନୁଗୁଳ ଜିଲ୍ଲା ବଣ୍ଟଁରପାଳ ବ୍ଲକର ତହସିଲଦାର ଭାବେ କାର୍ଯ୍ୟ ତୁଲାଉଥିଲେ। ଆଜି କାର୍ଯ୍ୟରେ ଯୋଗଦେବା ପରେ କାର୍ଯ୍ୟାଳୟ ପକ୍ଷରୁ କର୍ମଚାରୀମାନେ ନୂତନ ତହସିଲଦାରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନ, ପଦ୍ମଲାଭ ବାରିକ, ବିନୋଦ ବିହାରୀ ନାୟକ, ସୁବାସ ଚନ୍ଦ୍ର ପାଲ, ଅବକାଶ ସାମଲ, ଅସିତ ଜେନା, ଅଚ୍ୟୁତାନନ୍ଦ ଦେହୁରୀ, ଶିବ ସାହୁ, କ୍ଷୀରୋଦ ଚନ୍ଦ୍ର ସାହୁ, ଶଙ୍କର ପ୍ରଧାନ, ସନ୍ତୋଷ ବରାଳ, ଲକ୍ଷ୍ମୀପ୍ରିୟା ରାଉତଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଜନସାଧାରଣଙ୍କୁ ତ୍ୱରିତ ସେବା ଯୋଗାଇଦେବା ପାଇଁ ଉଦ୍ୟମ କରିବେ ବୋଲି ଶ୍ରୀ ମିଶ୍ର କହିଛନ୍ତି।

## ୩.୬ କୋଟିରେ ନିର୍ମାଣ ହେବ ମାଛ ବଜାର

**ଆଠଗଡ଼,୧୪।୩(ସମିସ):** ଆଠଗଡ଼ରେ ନିର୍ମାଣ ହେବ ଏକ ଅତ୍ୟାଧୁନିକ ସ୍ୱାସ୍ଥ୍ୟକର ମାଛ ବଜାର। ଏଠାରେ ଖୁଚୁରା ବେପାରୀଙ୍କ ସହିତ ମାଛ ଗୋଦାମ ମଧ୍ୟ ରହିବ। ଏକ ଏକର ପରିମିତ ଜମିରେ ହେବାକୁ ଥିବା ଏହି ବଜାରରେ ପଚାଶ ଜଣ ବ୍ୟବସାୟୀ ସେମାନଙ୍କ ବ୍ୟବସାୟ ସହିତ ଗୋଦାମ କରିପାରିବାର ବ୍ୟବସ୍ଥା



ରହିବ। ଏଥିପାଇଁ ତିନି କୋଟି ଷାଠିଏ ଲକ୍ଷ ଅଶୀ ହଜାର ଟଙ୍କାର ବ୍ୟୟବରାଦ କରାଯାଇଛି। ଆଠଗଡ଼ କଇଁଥ ଛକଠାରେ ନିର୍ମାଣାଧୀନ ନରସିଂହପୁର ନିୟନ୍ତ୍ରିତ ବଜାର କମିଟି ପରିସରରେ ଏହାର ନିର୍ମାଣ କରାଯିବ। ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଜି ଏହାର ଶିଳାନ୍ୟାସ କରିଥିବା ବେଳେ ଏ ବାବଦରେ ଖର୍ଚ୍ଚ ହେବାକୁ ଥିବା ଅର୍ଥକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି। ଆଗାମୀ ଦିନରେ ଏହି ପ୍ରକଳ୍ପର ସଂପୂର୍ଣ୍ଣ ରୂପରେଖ ପ୍ରସ୍ତୁତି ସହିତ ଟେଣ୍ଡର ପ୍ରକ୍ରିୟା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି।

# ଦ୍ୱୀପାଞ୍ଚଳରେ ବିଭିନ୍ନ ପ୍ରକଳ୍ପ ପାଇଁ ୧୨୦ କୋଟି ଅନୁଦାନ

**ନିଶ୍ଚିନ୍ତକୋଇଲି,୧୪।୩(ସମିସ)**

ରାଜ୍ୟ ସରକାର ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଲୁଣା ଚିତ୍ରୋତ୍ପଳା ଓ ମହାନଦୀ ଚିତ୍ରୋତ୍ପଳା ଦ୍ୱିପାଞ୍ଚଳର ସାମଗ୍ରିକ ବିକାଶ ପାଇଁ ୫ଟି ବୃହତ ପ୍ରକଳ୍ପ ନିର୍ମାଣ ନିମନ୍ତେ ମଞ୍ଜୁର କରିଛନ୍ତି। ଏହି ଦ୍ୱିପାଞ୍ଚଳ ବାସିନ୍ଦାଙ୍କ ଚଳଣି ପ୍ରକିୟା ସହରାଞ୍ଚଳ ସହିତ ସମତୁଲ କରିବା ପାଇଁ ଶିକ୍ଷା ଓ ଗମନାଗମନ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୧୯ କୋଟି ୮୬ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଛନ୍ତି। ଉକ୍ତ ୫ଟି ବୃହତ ପ୍ରକଳ୍ପର ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଏବଂ କଟକ ସଦର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରାଙ୍କ କରକମଳରେ ଶୁଭ ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଛି। ବିଜୁ ସେତୁ ଯୋଜନାରେ ଚିତ୍ରୋତ୍ପଳା ନଦୀ ଉପରେ ଦାଉଦପୁର ପଞ୍ଚାୟତ ନଇଁଗୁଆ ଠାରୁ ଉତ୍ତରକୂଳ ପଞ୍ଚାୟତ ସାହାଣୀ ସାହି ପର୍ଯ୍ୟନ୍ତ ଏକ ପୋଲ ନିର୍ମାଣ ପାଇଁ ୪୧.୨୪ କୋଟି ଟଙ୍କା ଏବଂ ସେହି ଚିତ୍ରୋତ୍ପଳା ନଦୀ ଉପରେ ପୂର୍ତ୍ତ ବିଭାଗ ପକ୍ଷରୁ ନଗସପୁର ଠାରୁ ପାଳଦା ପର୍ଯ୍ୟନ୍ତ ଅନ୍ୟ ଏକ ପୋଲ ନିର୍ମାଣ ନିମନ୍ତେ ୩୫.୮୨



## ଦୁଇ ବିଧାୟକ କଲେ ଶିଳାନ୍ୟାସ ଓ ଉଦ୍‌ଘାଟନ

କୋଟି ଅର୍ଥର ବ୍ୟବସ୍ଥା କରିଛନ୍ତି। ଉକ୍ତ ଦୁଇ ପୋଲ ନିର୍ମାଣ କାର୍ଯ୍ୟକୁ ନଇଁଗୁଆ ଓ ନଗସପୁର ଠାରେ ଶୁଭ ଶିଳାନ୍ୟାସ କରାଯାଇଛି, ସେହିପରି ଲୁଣା ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ସୁଦୃଢୀକରଣ ପାଇଁ ୧୨.୩୦ କୋଟି ଟଙ୍କା ଅନୁଦାନରେ ତରତ ପଞ୍ଚାୟତ ଦେବରାଳ ଠାରେ ଥିବା ମା' ସାହାଢେଇ ଠାକୁରାଣୀ ମନ୍ଦିର ପାଖରେ ଶୁଭ ଶିଳାନ୍ୟାସ କରାଯାଇଛି, ଏହାଛଡ଼ା ବନ୍ଧକାଟିଆ ପଞ୍ଚାୟତର ସହଦେବପୁର-ତରତଶାସନ ରାସ୍ତାର ଉନ୍ନତିକରଣ ପାଇଁ ୨୫.୫୦ କୋଟି ଟଙ୍କା ଅନୁଦାନରେ ବନ୍ଧକାଟିଆ ପଞ୍ଚାୟତ ହରିରାଜପୁର ଲକ୍ଷ୍ମୀନାରାୟଣ ମନ୍ଦିର ନିକଟରେ ଶୁଭ ଶିଳାନ୍ୟାସ କରାଯାଇଛି। ଏଥି ସହିତ ଅସୁରେଶ୍ୱର ଓ କେରିଲୋ ପଞ୍ଚାୟତ ସୀମା ସ୍ଥଳରେ ଥିବା କୂଳଗାଁଇଶାଳୋ ଏବଂ ହାଣ୍ଡିଭଙ୍ଗା ପଡ଼ିଆଠାରେ ୫କୋଟି ଟଙ୍କାରେ ନିର୍ମାଣ ହୋଇଥିବା ନିଶ୍ଚିନ୍ତକୋଇଲି ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୂତନ ଗୃହକୁ ଦୁଇ ବିଧାୟକଙ୍କ ଦ୍ୱାରା ଲୋକାର୍ପିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ଉପାଧ୍ୟକ୍ଷ ଅଶୋକ ଓଝା, ବିଇଓ ଲକ୍ଷେହୀରା ଲାବଣ୍ୟାବତୀ ବେହେରା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ହିମାଂଶୁଶେଖର ମହାନ୍ତି, ଜିଲ୍ଲା ବିଜେଡି ସମ୍ପାଦକ ଅଚ୍ୟୁତାନନ୍ଦ ଦାସ, ଜିଲ୍ଲାପରିଷଦ ସଭ୍ୟ ଭୂପତିଭୂଷଣ ଷଣ୍ଢ, ଇଂ.ବିଳାସ ଭୋଇ, ସରପଞ୍ଚ ଲଳିତେନ୍ଦୁ ବିଶୋଇ, ପୁଷ୍ପଲତା ମଲିକ, ଶୁଭ୍ରା ମହାନ୍ତି, ଗୌତମୀ ଦାସ, ମୀନତି ସ୍ୱାଇଁ, ପ୍ରଦୀପ୍ତ କୁମାର ପରିଡ଼ା, ସମିତିସଭ୍ୟ ଆଶିଷ ମହାନ୍ତି, ଦେବେନ୍ଦ୍ର ବେହେରା,ସୌରପ୍ରଭା ଜଗଦେବ, ହିମାଦ୍ରି ମିଶ୍ର, ଟିକି ପଣ୍ଡାଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ, ବିଜେଡି ନେତୃବୃନ୍ଦ ଏବଂ ବୟୋଜ୍ୟେଷ୍ଠ ମୁରବୀ ଯୋଗଦେଇଥିଲେ।

## ସଡ଼କ ନିର୍ମାଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ
## ଭିଜିଲାନ୍ସ ତଦନ୍ତ ପାଇଁ ଅଞ୍ଚଳବାସୀଙ୍କ ଦାବି

**ନିଶ୍ଚିନ୍ତକୋଇଲି,୧୪।୩(ସମିସ):** ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଢ଼ଅଁରମୁହଁ ଆଜାଦ ବଜାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ହେଉଥିବା ରାସ୍ତା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଉକ୍ତ ରାସ୍ତା ନିର୍ମାଣରେ ସାମିଲ ଥିବା କେନାଲ ବନ୍ଧ ପାଶ୍ୱର୍ ଗାଡର୍‌ୱାଲ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବାରୁ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ସ୍ଥାନୀୟ ଅଞ୍ଚଳବାସୀମାନେ ଦାବି କରିଛନ୍ତି। ଦୀର୍ଘ ଦିନ ହେବ ୬-ସି



ଶାଖା କେନାଲ ବନ୍ଧ ରାସ୍ତା କଦର୍ଯ୍ୟ ହୋଇ ପଡ଼ି ରହିଥିବାରୁ ଲୋକମାନେ ଯାତାୟତ ପାଇଁ ବହୁ ହୀନସ୍ତା ହେଉଥିଲେ। ଉକ୍ତ ରାସ୍ତାକୁ ନିର୍ମାଣ କରିବା ପାଇଁ ଲୋକମାନେ ବିଧାୟକଙ୍କ ଠାରେ ଦାବି କରିଥିଲେ। ମାହାଙ୍ଗା ବିଧାୟକ ପ୍ରତାପ ଜେନା ଉକ୍ତ କେନାଲ ବନ୍ଧ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଏହାର ନିର୍ମାଣ କାର୍ଯ୍ୟ ପାଇଁ ୧ କୋଟି ୪୫ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଥିଲେ। ୧୪ଶହ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ରାସ୍ତା କାର୍ଯ୍ୟ ଏବଂ କେନାଲ ଦୁଇ ପାଶ୍ୱର୍ରେ ୨୧ଶହ ମିଟର ଗାର୍ଡ ୱାଲ ନିର୍ମାଣ ନିମନ୍ତେ ଅନୁମୋଦନ କରାଯାଇଥିଲା। ବର୍ତ୍ତମାନ ଏହି ଗାର୍ଡ ୱାଲ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କୌଣସି ଅଧିକାରୀ ତଦାରଖ କରୁ ନ ଥିବା ଅଭିଯୋଗ ହୋଇଛି। ଉକ୍ତ ନିର୍ମାଣ କାର୍ଯ୍ୟରେ ୧୨:୮:୧ ଅନୁସାରେ ମେଣ୍ଟାଲ, ବାଲି, ସିମେଣ୍ଟ ମିଶାଯାଇ ବ୍ୟବହାର କରାଯିବା ପାଇଁ ସରକାରୀ ନିୟମ ଥିବା ବେଳେ ଠିକାଦାର ମନମୁଖୀ ଭାବେ ୧୬:୧୨:୧ ଅନୁସାରେ ମେଣ୍ଟାଲ, ବାଲି, ସିମେଣ୍ଟ ମିଶ୍ରଣରେ କାର୍ଯ୍ୟ କରୁଥିବା ଅଭିଯୋଗ କରିଛନ୍ତି। ଏଭଳି ନିମ୍ନମାନର କାମ ହେଉଥିବାରୁ ଏହାର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଛି। ସ୍ଥାନୀୟ ଲୋକମାନେ ସରକାରୀ ନୀତିନିୟମରେ କାମ ନ ହେବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କିଛି ସମୟ କାର୍ଯ୍ୟ ବନ୍ଦ ମଧ୍ୟ କରିଦେଇଥିଲେ। ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ମଧ୍ୟରେ ଭିତିରି ବୁଝାମଣା ଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଲୋକମାନେ ଅଭିଯୋଗ କରୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଉକ୍ତ ଅଭିଯୋଗ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଉର୍ମି ପ୍ରିୟଦର୍ଶିନୀଙ୍କୁ ପଚାରିବାରୁ ସରକାରୀ ନିୟମ ଅନୁଯାୟୀ ନିର୍ମାଣ କାର୍ଯ୍ୟ ଚାଲିଥିଲା ବେଳେ ବିଭାଗ ଏହାର ତଦାରଖ କରୁଥିବା ସେ ପ୍ରକାଶ କରିଛନ୍ତି।

● ବାଙ୍କି କେନ୍ଦ୍ର ସମବାୟ ବ୍ୟାଙ୍କ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

## ୩ ପ୍ରକଳ୍ପ ପାଇଁ ୯୦ ଲକ୍ଷର ଅନୁଦାନ

**ତିଗିରିଆ,୧୪ ।୩(ସମିସ):** ତିଗିରିଆସ୍ଥିତ ବାଙ୍କି କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା କାର୍ଯ୍ୟାଳୟର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଠଗଡ-ତିଗିରିଆ ବିଧାୟକ ତଥା ରାଜ୍ୟ କୃଷି କୃଷକ ସଶକ୍ତିକରଣ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇ ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ଭୂମି ପୂଜା କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବାଙ୍କି କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବାସ ଚନ୍ଦ୍ର ପାଢିଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲୀକ, ନିର୍ଦ୍ଦେଶକ ରମେଶ ଚନ୍ଦ୍ର ପଣ୍ଡା, ସୁରେଶ ଚନ୍ଦ୍ର ସାହୁ, ଜ୍ଞାନ ରଞ୍ଜନ ପରିଡା, ମନୋଜ ବିଶ୍ୱାଳ, ଗତିକୃଷ୍ଣ ସ୍ୱାଇଁ, ରବିନ୍ଦ୍ର ସ୍ୱାଇଁ, ମନୋରଞ୍ଜନ ଦେଉରୀ ତଥା ବାଙ୍କି କେନ୍ଦ୍ର ସମବାୟ ବ୍ୟାଙ୍କର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ। ମିଳିଥିବା ସୂଚନା ମୁତାବକ ବହୁ ପୁରାତନ ବାଙ୍କି କେନ୍ଦ୍ର ସମବାୟ ବ୍ୟାଙ୍କ ତିଗିରିଆ ଶାଖା କାର୍ଯ୍ୟାଳୟର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ୪୦ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଥିବା ବେଳେ ଏହି ବ୍ୟାଙ୍କ ଅଧୀନସ୍ଥ ଶୁଣ୍ଢିପାଳ ସେବା ସମବାୟ ସମିତିର ଏକ ଗୋଦାମ ଗୃହ ନିର୍ମାଣ ପାଇଁ ୨୫ ଲକ୍ଷ ଓ ଗଦାଧରପୁର ସେବା ସମବାୟ ସମିତି ପରିସରରେ ଏକ ଗୋଦାମ ଗୃହ ନିର୍ମାଣ ପାଇଁ ୨୫ ଲକ୍ଷ ଟଙ୍କାର



ଅନୁଦାନ ମଞ୍ଜୁର ହୋଇଛି। ଆସନ୍ତା ୪ ମାସ ମଧ୍ୟରେ ବ୍ୟାଙ୍କର ନୂତନ କାର୍ଯ୍ୟାଳୟ ସହିତ ଉଭୟ ଶୁଣ୍ଢିପାଳ ଓ ଗଦାଧରପୁର ସେବା ସମବାୟ ସମିତିର ଗୋଦାମ ଗୃହ ନିର୍ମାଣ ହେବା ପରେ ଅଞ୍ଚଳବାସୀ ବହୁ ଉପକୃତ ହେବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।





# କଟକ ସିଟି

# ଆନ୍ତର୍ଜାତିକ କଟକ ବୈଶାଖୀ ବାଣିଜ୍ୟମେଳା ଉଦ୍‌ଘାଟିତ







**କଟକ, ୧୪ ।୩(ସମିସ)**

ଐତିହାସିକ ବାଲିଯାତ୍ରା ପରେ କଟକ ସହରରେ ଆଉ ଏକ ବୃହତ ମୁକ୍ତାକାଶ ବାଣିଜ୍ୟିକ ମେଳା ନଥିଲା । ଦୀର୍ଘ ୨୦ବର୍ଷ ହେବ କିଲା ପଡ଼ିଆରେ ଏହି ମେଳାର ଆୟୋଜନ କରାଯାଉଛି । ଏହା କେବଳ ବାଣିଜ୍ୟିକ ଆଦାନପ୍ରଦାନ ନୁହେଁ ବରଂ ଏହା ଏକ ସାଂସ୍କୃତିକ ଅବସର। ଏହି ଅବସର ଦ୍ୱିତୀୟ ବାଲିଯାତ୍ରା ନେଇ ଆସିଛି ବୋଲି ୨୦ତମ ଆନ୍ତର୍ଜାତିକ କଟକ ବୈଶାଖୀ ବାଣିଜ୍ୟମେଳାର ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମେୟର ସୁବାସ ସିଂ କହିଛନ୍ତି । ଉଦଘାଟନୀ ଉତ୍ସବରେ ବାଣିଜ୍ୟ ମେଳା କମିଟିର ଅଧ୍ୟକ୍ଷ ମଧୁସୂଦନ ସାହୁ ଅଧ୍ୟକ୍ଷତା କରିଥିଲେ । କମିଟିର ଉପଦେଷ୍ଟା ଆର୍ଶୀବାଦ ବେହେରା, ବିଧାୟକ ଇଂ ମହମ୍ମଦ ମୋକିମ୍, ନିରାମୟ ଉପଦେଷ୍ଟା ଡ. ରଞ୍ଜନ କୁମାର ବିଶ୍ୱାଳ, 'ରୁଚି'ର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ, ପୂର୍ବତନ ମେୟର ସୌମେନ୍ଦ୍ର ଘୋଷ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ସଂଯୋଜକ ଦେବୀପ୍ରସାଦ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଦୀଲିପ ସାହୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ମେଳା ପଡ଼ିଆରେ ଆଫଗାନିସ୍ଥାନ, ଥାଇଲାଣ୍ଡ, ବାଂଲାଦେଶ, ମାଲେସିଆ, ଦୁବାଇ, ଇରାନ ଓ ତୁର୍କୀର ଉଦ୍ୟୋଗୀମାନେ ବିଭିନ୍ନ ସୌଖୀନ ଓ ଘରକରଣା ସାମଗ୍ରୀ ହ୍ୟାଙ୍ଗର ଷ୍ଟଲରେ ବିକ୍ରି କରାଯାଉଛି । ଚଳିତବର୍ଷ ୫୭୦ଟି ଷ୍ଟଲ୍ ରହିଛି । ସେଥିମଧ୍ୟରୁ ୭୦ଟି ଏସି ହ୍ୟାଙ୍ଗର୍ ଷ୍ଟଲ ରଖାଯାଇଛି । ଏହାସହ ୬୦ଟି କର୍ପୋରେଟ୍ ଷ୍ଟଲ, ୪୦ଟି ଖାଦ୍ୟ ଷ୍ଟଲ, ୬୦ଟି ଏମ୍‌ଏସ୍‌ଏମ୍‌ଇ ଷ୍ଟଲ ଓ ୩୪୦ଟି ଷ୍ଟଲ୍ ଓଡ଼ିଶା ତଥା ଅନ୍ୟ ରାଜ୍ୟରୁ ବ୍ୟବସାୟ ପାଇଁ ଆସୁଥିବା ବ୍ୟବସାୟୀଙ୍କ ନିମନ୍ତେ ରଖାଯାଇଛି । ଓଡ଼ିଶାର ପ୍ରତିଷ୍ଠିତ ରୁଚି ଫୁଡ୍‌ଲାଇନ୍ ଏହି ବାଣିଜ୍ୟ ମେଳାର ମୁଖ୍ୟ ପ୍ରାୟୋଜକ ଏବଂ ମଲ୍‌ବେରି ସହ ପ୍ରାୟୋଜକ ରହିଛନ୍ତି । ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗ ମେଳା ଆୟୋଜନରେ ସହଯୋଗର ହାତ ବଢ଼ାଇଛନ୍ତି । ଏହି ମେଳାରେ ରୁଚି ଉଦ୍ୟୋଗ ପକ୍ଷରୁ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଅଫର୍ ରଖାଯାଇଛି । ଏବଂ ରୁଚି- ଫ୍ରୋଜିଟ୍ ପକ୍ଷରୁ ମେଳା ପରିସରରେ ସୁସ୍ୱାଦ ଓ ସ୍ୱାସ୍ଥ୍ୟକର ଖାଦ୍ୟକୁ ନେଇ ରୁଚି ଖାଦ୍ୟ ମଣ୍ଡପ ଖୋଲାଯାଇଛି । ଏଥି ସହିତ ପିଲାମାନଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ଦୋଳିର ବ୍ୟବସ୍ଥା କରାଯାଇଛି । କଟକ ବୈଶାଖୀ ବାଣିଜ୍ୟ ମେଳା ପରିସରରେ ଥିବା ମଞ୍ଚରେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ସଞ୍ଜୀବ ବେହେରା, ରମେଶ ସାହୁ, ଜାହିଦ୍, ସୂର୍ଯ୍ୟ ମହାନ୍ତି, କାଦର୍ ଖାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରୁଚି ଲୋକ ସମ୍ପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ ଭୂୟାଁ ଧନ୍ୟବାଦ ଦେଇଥିଲେ ।

## ମେଳାରେ ରୁଚି ମଣ୍ଡପର ଆକର୍ଷଣ

**କଟକ :** ବୈଶାଖି ବାଣିଜ୍ୟ ମେଳାରେ ରୁଚି ମଣ୍ଡପ ଉଦ୍‌ଘାଟିତ ହୋଇଯାଇଛି । ମେଳାରେ ରୁଚି ମସଲା ମଣ୍ଡପ, ଖାଦ୍ୟ ମଣ୍ଡପ ଏବଂ ଅଭ୍ୟର୍ଥନା ମଣ୍ଡପ ଖୋଲାଯାଇଛି । ରୁଚିର ନିର୍ଦ୍ଦେଶିକା ସଙ୍ଗୀତା ସାହୁ, ନିର୍ଦ୍ଦେଶକ ଅରବିନ୍ଦ ସାହୁ, ସେଲ୍ସ ହେଡ୍ ଦିଲ୍ଲୀପ ସାହୁ, ମାର୍କେଟିଂ ହେଡ୍ ଦେବବ୍ରତ ପଟ୍ଟନାୟକ, ଲୋକ ସମ୍ପର୍କ ବିଭାଗର ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ ଓ ମଡର୍ଣ୍ଣ ଟ୍ରେଡ୍ ମୁଖ୍ୟ ସାଇସମ୍ବିତା ନାୟକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମେଳାରେ ରୁଚି ପକ୍ଷରୁ ପ୍ରତ୍ୟେକ ସାମଗ୍ରୀ କ୍ରୟ ଉପରେ ଗୋଟିଏ ପ୍ୟାକ୍ ଫ୍ରି' ଦିଆଯାଉଛି । ସେହିପରି ଫେଷ୍ଟିଭାଲ୍ ବୋନାଞ୍ଜା ଅଫର୍ ଯୋଜନାରେ ୨ଟି ଇଲେକ୍ଟ୍ରିକ୍ ଚାଳିତ ଯାନ ରଖାଯାଇଛି । ଫୁଡ୍ ମଣ୍ଡପରେ ପାରମ୍ପରିକ ଖାଦ୍ୟ, ଚାଇନିଜ୍ ଖାଦ୍ୟ ଓ ପାନୀୟ ମୁଖ୍ୟ ଆକର୍ଷଣ ରହିଛି । ସେହିଭଳି ରୁଚି ସାମଗ୍ରୀ ପ୍ୟାକ୍ କ୍ରୟ ଉପରେ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଉପହାର ରଖାଯାଇଛି । ରୁଚିର ବିଭିନ୍ନ ବିଭାଗୀୟ ଅଧିକାରୀ ଆଲୋକ ଦାସ, ଅବିଦାସ ସିଂହ, ସରିତା ରାଉତ, ନ୍ୟାୟବ୍ରତ ରାଉତ, ସାଗର ବାରିକ, ସୋନାଲି ସାହୁ, ଶୁଭାଶିଷ ଜେନା, ଅରିକ୍ଷିତ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ହ୍ୱାଇଟ୍ କାନଭାସ୍‌ର ମୁଖ୍ୟ ଉଲ୍ଲାସଚନ୍ଦ୍ର ବେହୁରା, ଚିଣ୍ଟୁ ମିଶ୍ର ଓ ଜ୍ଞାନରଞ୍ଜନ ରାୟ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

■ **ୱେଲନେସ୍ ସେଣ୍ଟର କର୍ମଚାରୀଙ୍କୁ ବେତନ ନମିଳିବା ପ୍ରସଂଗ**

## ହାଇକୋର୍ଟରେ ହାଜର ହେଲେ ସିଜିଏଚ୍‌ଏସ୍ ନିର୍ଦ୍ଦେଶକ

**କଟକ, ୧୪ ।୩(ସମିସ):** ସେଣ୍ଟ୍ରାଲ ଗଭର୍ଣ୍ଣମେଣ୍ଟ ହେଲଥ ସ୍କିମ(ସିଜିଏଚ୍‌ଏସ୍) ଅନ୍ତର୍ଗତ ୱେଲନେସ ସେଣ୍ଟର ବା ହସ୍ପିଟାଲର ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ତଥା ସେମାନଙ୍କ ବକେୟା ବେତନ ମିଳୁନଥିବା ପ୍ରସଂଗରେ ରୁଜୁ ଆବେଦନକୁ ଗୁରୁତ୍ୱର ସହ ଶୁଣାଣି କରିଛନ୍ତି ହାଇକୋର୍ଟ । ଆଜି ସିଜିଏଚଏସ, ନୂଆଦିଲ୍ଲୀର ନିର୍ଦ୍ଦେଶକ ଭର୍ଚୁଆଲ ଜରିଆରେ ହାଇକୋର୍ଟରେ ହାଜର ହେବା ସହ ଏହି ପ୍ରସଂଗରେ ନିଜର ପକ୍ଷ ରଖିଛନ୍ତି । ଆସନ୍ତା ଏପ୍ରିଲ ୫ ତାରିଖ ସୁଦ୍ଧା ଉପରୋକ୍ତ କର୍ମଚାରୀମାନଙ୍କୁ ସେମାନଙ୍କ ବକେୟା ପ୍ରଦାନ କରାଯିବ ବୋଲି ହାଇକୋର୍ଟରେ ଡେପୁଟି ସଲିସିଟର ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ ପ୍ରତିଶ୍ରୁତି ଦେଇଥିଲେ । ଉପରୋକ୍ତ ସମୟ ମଧ୍ୟରେ କର୍ମଚାରୀଙ୍କ ବକେୟା ପ୍ରଦାନ କରାଯିବା ସହ ଆସନ୍ତା ଏପ୍ରିଲ ୮ରେ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଭାତୀ ସାହୁ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ବିଚାରପତି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାରୁ ପ୍ରକାଶ ଯେ, ସିଜିଏଚଏସ ଅନ୍ତର୍ଗତ କେନ୍ଦ୍ର ସରକାରଙ୍କ କର୍ମଚାରୀ ତଥା ଅଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ହସପିଟାଲ ବା ୱେଲନେସ ସେଣ୍ଟରଗୁଡ଼ିକରେ ଗତ ୨୦୦୫ରୁ ଆବେଦନକାରୀ ଫାର୍ମାସିଷ୍ଟ, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀମାନେ ଏକ ଆଉଟସୋର୍ସିଂ ସଂସ୍ଥା ଦ୍ୱାରା କାର୍ଯ୍ୟ କରି ଆସୁଥିଲେ । ୨୦୧୫ରେ କେତେକ ସ୍ଥାୟୀ ପଦବୀ ଖାଲି ପଡ଼ିଥିଲା । ସେମାନଙ୍କୁ ଉପରୋକ୍ତ ସ୍ଥାୟୀ ପଦରେ ନିଯୁକ୍ତି ଦିଆଯାଉ ବୋଲି ଆବେଦନକାରୀ ଦାବି କରିଥିଲେ । ହେଲେ ଏଥିପାଇଁ ନୂତନ ବିଜ୍ଞପ୍ତି ପ୍ରକାଶ କରାଯାଇ ଦରଖାସ୍ତ ଆହ୍ୱାନ କରାଯାଇଥିଲା । ଏହାକୁ ବିରୋଧ କରି ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଚୂଡ଼ାନ୍ତ ନିଯୁକ୍ତି ଉପରେ ଅନ୍ତରୀଣ ରୋକ୍ ଲଗାଇଥିଲେ । ଉପରୋକ୍ତ କର୍ମଚାରୀମାନଙ୍କୁ ୨୦୨୩ ଏପ୍ରିଲ ୧ରୁ କାର୍ଯ୍ୟ କରିବାକୁ ଅନୁମତି ଦିଆଯିବ କି ନାହିଁ; ସିଜିଏଚ୍‌ଏସ୍ ଅତିରିକ୍ତ ନିର୍ଦ୍ଦେଶକଙ୍କ ପକ୍ଷରୁ ନିର୍ଦ୍ଦେଶକଙ୍କୁ ଚିଠି କରାଯାଇଥିଲା । ଏହା ପରେ ଉକ୍ତ କର୍ମଚାରୀମାନେ ସେମାନଙ୍କ ଚାକିରି ହରାଇବା ଆଶଙ୍କା କରି ଏକ ଅନ୍ତରୀଣ ଆବେଦନ ରୁଜୁ କରିଥିଲେ । ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ହାଇକୋର୍ଟ ଏହି ମାମଲାରେ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟପଟରେ ଦୀର୍ଘ ଦେଢ଼ ବର୍ଷ ଧରି ସେମାନଙ୍କୁ ତାଙ୍କ ପାଉଣା ମିଳି ନଥିବା ନେଇ ଆବେଦନକାରୀ ଅଭିଯୋଗ କରିଥିଲେ । ପୂର୍ବରୁ ଏହି ମାମଲାରେ ଭୁବନେଶ୍ୱରସ୍ଥିତ ସିଜିଏଚଏସ ଯୁଗ୍ମ ନିର୍ଦ୍ଦେଶକ ହାଇକୋର୍ଟରେ ହାଜର ହୋଇଥିଲେ ।

## ଟ୍ରମା କାଜୁଆଲିଟିରେ ହେବ ଅଗ୍ନି ନିରାପତ୍ତା ବ୍ୟବସ୍ଥା

**କଟକ, ୧୪।୩(ସମିସ):** ଏସ୍‌ସିବି ମେଡିକାଲର ଟ୍ରମା କାଜୁଆଲିଟିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପଲବ୍ଧ କରାଯିବ । ଏ ବାବଦରେ ୧କୋଟି ୩୬ଲକ୍ଷ ୭୯ହଜାର ୭୩୬ ଟଙ୍କା ଖର୍ଚ୍ଚ କରାଯିବ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏସସିବି ଅଧୀକ୍ଷକଙ୍କ ନିକଟକୁ ଏ ନେଇ ଚିଠି ଆସିଛି । ପ୍ରକାଶ ଥାଉକି, ରାଜ୍ୟର ଏକ ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଉପଯୁକ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପଲବ୍ଧ ନଥିବାରୁ ହାଇକୋର୍ଟରେ ମାମଲା ଚାଲିଛି । ଏହି ମାମଲାରେ ଅଗ୍ନିଶମ ଡିଜି ଏବଂ ଏସସିବି ଅଧୀକ୍ଷକଙ୍କ ସମେତ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ କୋର୍ଟରେ ହାଜର ହୋଇଥିଲେ । ମାମଲା ବିଚାରାଧିନ ଥିବା ବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟ୍ରମା କାଜୁଆଲିଟିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନିମନ୍ତେ ଟଙ୍କା ମଞ୍ଜୁର କରିଛନ୍ତି ।

**ଖର୍ଚ୍ଚ ହେବ ୧.୩୬ କୋଟି**

## ୫୫ ସିଭିଲ ଜଜ୍‌ଙ୍କୁ ନୂତନ ସ୍ଥାନରେ ନିଯୁକ୍ତି

କଟକ, ୧୪ ।୩(ସମିସ): ଓଡ଼ିଶା ଜୁଡିସିଆଲ ସର୍ଭିସ୍‌ରେ କୃତକାର୍ଯ୍ୟ ହୋଇ ଆଇନ ବିଭାଗ ଦ୍ୱାରା ନିଯୁକ୍ତ ହୋଇଥିବା ୫୫ଜଣ ସିଭିଲ ଜଜ୍‌ଙ୍କୁ ନୂତନ ସ୍ଥାନରେ ଅବସ୍ଥାପିତ କରାଯାଇଛି । ଏନେଇ ହାଇକୋର୍ଟ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି । ନବନିଯୁକ୍ତ ଏହି ସିଭିଲ ଜଜ୍‌ମାନେ ଆସନ୍ତା ୨୭ ତାରିଖରେ ସମ୍ପୃକ୍ତ ସ୍ଥାନଗୁଡ଼ିକରେ ଯୋଗଦେବେ । କାର୍ଯ୍ୟରେ ଯୋଗଦେବା ପରେ ଓଡ଼ିଶା ଜୁଡିସିଆଲ ଏକାଡେମୀରେ ଆସନ୍ତା ୩୦ ତାରିଖରେ ଟ୍ରେନିଂ ପାଇଁ ରିପୋର୍ଟ କରିବେ । ଏ ସଂକ୍ରାନ୍ତରେ ଓଡ଼ିଶା ହାଇକୋର୍ଟ ପକ୍ଷରୁ ସବୁ ଜିଲ୍ଲା ଓ ଦୌରାଜଜ୍‌ମାନଙ୍କୁ ଅବଗତ କରାଯାଇଛି । ନବନିଯୁକ୍ତ ସିଭିଲ ଜଜ୍ ସୁଶ୍ରିତା ମିଶ୍ରଙ୍କୁ ନୟାଗଡ଼, ନିଳିଶା ପଟ୍ଟନାୟକଙ୍କୁ ପୁରୀ, ରାଣୀରଞ୍ଜିତା ପଟ୍ଟନାୟକଙ୍କୁ ଭୁବନେଶ୍ୱର, ଲୋପାମୁଦ୍ରା ଆଚାର୍ଯ୍ୟ, ବଦ୍ରିନାଥ ବିଶ୍ୱାଳଙ୍କୁ ଫୁଲବାଣୀ, ହର୍ଷିତା ମିଶ୍ର, ପବିତ୍ର ମୋହନ ପଣ୍ଡା, ଅନନ୍ୟା ମିଶ୍ର, ସ୍ୱାତୀ ସତ୍ୟନିତା ମିଶ୍ର, ମେଘନା ପଣ୍ଡା ଓ ସୁଦାତା ପାଣିଗ୍ରାହୀଙ୍କୁ ବାଲେଶ୍ୱର, ପ୍ରଜ୍ଞାସୁମନ ମହାପାତ୍ର ଓ ଦୀକ୍ଷା ରାଉତରାୟଙ୍କୁ ଜୟପୁର, ଏସ.ଆର.ତୋଷାଳିଙ୍କୁ ରାୟଗଡ଼ା, ବୈଶାଳି ବାହୁବଳେନ୍ଦ୍ର ଓ ସତ୍ୟଜିତ ପାଣିଙ୍କୁ ପାରଳାଖେମୁଣ୍ଡି, ଲଳିତେନ୍ଦୁ ଦେବତା, ଜିଜ୍ଞାସା ପଣ୍ଡା, ଜେ.ମୋହିନୀ, ସ୍ମିତା ଲାକ୍ରା, ଅଂଶୁମାନ ରଥ ଓ ଯଶସ୍ୱିନୀ ମହାପାତ୍ରଙ୍କୁ କଟକ, ଶୁଭ୍ରାଂଶୁ ଠାକୁର, ବୀଣା ତାଣ୍ଡି ଓ ମିସ ନିସ୍ଥାଙ୍କୁ ଯାଜପୁର, ଜଙ୍ଗମ ଈଶ୍ୱର ଓ ଦୀକ୍ଷା ସେଠଙ୍କୁ ଢେଙ୍କାନାଳ, ସସ୍ମିତା ସାମଲଙ୍କୁ ବ୍ରହ୍ମପୁର, ସରିତା ମହାରାଣା ଓ ରିତୁଶ୍ରୀ ମହାରାଣାଙ୍କୁ ଅନୁଗୁଳ, ନିରାଳି ସାମନ୍ତରାୟଙ୍କୁ ବୌଦ, ଅର୍ଘ୍ୟରୂପା ମିଶ୍ରଙ୍କୁ ବଲାଙ୍ଗୀର, ଚେତନ ଲାଧା ଓ ସୌରଭ ମହାପାତ୍ରଙ୍କୁ ପୁରୀ, ଅଙ୍କିତ ଦିଓନଗନଙ୍କୁ ଜଗତସିଂହପୁର, ଦୀପିକା ବଡ଼ମାଳିଙ୍କୁ ବ୍ରହ୍ମପୁର, ମିସ୍ ଦେବସ୍ମିତାଙ୍କୁ ଖୋର୍ଦ୍ଧା, ପ୍ରଣତି ରଥଙ୍କୁ ସୋନପୁର, ଅଙ୍କିତା ପାଣିଗ୍ରାହୀଙ୍କୁ ନବରଙ୍ଗପୁର, ସଙ୍କେତ ସାମଲ, ଅପର୍ଣ୍ଣା ସାହୁ ଓ ଐଶ୍ୱର୍ଯ୍ୟା ମହାପାତ୍ରଙ୍କୁ ସମ୍ବଲପୁର, ଋତୁପୂର୍ଣ୍ଣା ଦାଶଙ୍କୁ ବରଗଡ଼, ଅମ୍ଳାନ ରଥ ଓ ଶ୍ରୀତମ ସିଦ୍ଧାନ୍ତ ପାଢ଼ୀଙ୍କୁ ଭଦ୍ରକ, ଆଦିତ୍ୟ କୁମାର ପୃଷ୍ଟିଙ୍କୁ ମାଲକାନାଗିରି, ନର୍ମଦା ପ୍ରଧାନଙ୍କୁ ଝାରସୁଗୁଡା, ମଧୁସ୍ମିତା ମହାନ୍ତି ଓ ସୀମା ଅଗ୍ରୱାଲଙ୍କୁ ବାରିପଦା, ଶୁଭଶ୍ରୀ ସୌମ୍ୟକାନ୍ତି ପ୍ରଧାନ ଓ ସୁଚିନ୍ତିତା ଦାଶଙ୍କୁ ଭବାନୀପାଟଣା, ସ୍ପନ୍ଦନ ପଟ୍ଟନାୟକଙ୍କୁ ରାଉରକେଲା, ଶୁଭସ୍ମିତା ଶୁଭଦର୍ଶିନୀ ପାତ୍ରଙ୍କୁ ଦେବଗଡ଼ ଏବଂ ରୋଜାଲିନ ଦାଶଙ୍କୁ ସୁନ୍ଦରଗଡ଼ରେ ଅବସ୍ଥାପିତ କରାଯାଇଛି ।

## ପ୍ରଫେସର ବିଷ୍ଣୁପ୍ରିୟା ଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା

**କଟକ, ୧୪ ।୩(ସମିସ):** ସାରଳା ଭବନରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ବିଶିଷ୍ଟ ଚିକିତ୍ସାବିଜ୍ଞାନୀ ଓ ସମାଜସେବୀ ବିଷ୍ଣୁପ୍ରିୟା ଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଇଂ ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ । ସଭାରେ ଜଷ୍ଟିସ୍ ମନମୋହନ ଦାସ, ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ଡା ନିମାଇଁଚରଣ ପରିଜା, ଡା.ଜୟନ୍ତ କୁମାର ପଣ୍ଡା, ପ୍ରଶାସକ ପ୍ରସନ୍ନ କୁମାର ଜେନା, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ପ୍ରଶାସକ ବଂଶୀଧର ରାଉତ, ଅଧ୍ୟାପକ ନିର୍ମଳଚନ୍ଦ୍ର ପହୀ, ଅଧ୍ୟାପକ ଗୋପୀନାଥ ପଣ୍ଡା, ଶିକ୍ଷାବିତ୍ ନଳିନୀକାନ୍ତି ପଣ୍ଡା, ଶିକ୍ଷାବିତ୍ ବିଶ୍ୱନାଥ ମିଶ୍ର, ଡଃ ଭାଗବତ ଶୁକ୍ଳ, ଅଶୋକ କୁମାର ବେହେରା ପ୍ରମୁଖ ଯୋଗଦେଇ ବିଷ୍ଣୁପ୍ରିୟ ଦେବୀଙ୍କ ସ୍ମୃତିଚାରଣ କରିଥିଲେ । ଦିବଂଗତ ଆତ୍ମାର ସଦଗତି ନିମନ୍ତେ ୨ମିନିଟ୍‌ର ନିରବ ପ୍ରାର୍ଥନା କରାଯାଇଥିଲା ।

## ବିଶ୍ୱ ବୃକ୍କ ଦିବସ ପାଳିତ



**କଟକ, ୧୪।୩(ସମିସ):** ଏସ୍‌ସିବି ନେଫ୍ରୋଲୋଜି ବିଭାଗ ପକ୍ଷରୁ ବିଶ୍ୱ ବୃକ୍କ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମେଡିକାଲ ପରିସରରେ ୱାକାଥନ ଏବଂ ପରେ ବୃକକ ଯତ୍ନ ଓ ଏହାର ସୁରକ୍ଷା ସଂକ୍ରାନ୍ତୀୟ ଏକ କର୍ମଶାଳା ଆୟୋଜନ ହୋଇଥିଲା । ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ । ନେଫ୍ରୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର ଅରୁଣା ଆଚାର୍ଯ୍ୟ, ଭେଷଜ ବିଭାଗର ବରିଷ୍ଠ ପ୍ରଫେସର ଡାକ୍ତର ଜୟନ୍ତ ପଣ୍ଡା, ପ୍ରଶାସନିକ ଅଧିକାରୀ ଡଃ ଅବିନାଶ ରାଉତଙ୍କ ସମେତ ମେଡିକାଲର ଡାକ୍ତର ଏବଂ ଡାକ୍ତରୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

■ **ହାଇକୋର୍ଟରେ ନକଲି ଔଷଧ ମାମଲା**

## ରାଜ୍ୟ ଔଷଧ ନିୟନ୍ତ୍ରକଙ୍କୁ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ

**କଟକ, ୧୪ ।୩ (ସମିସ):** ନକଲି ଔଷଧ ଜବତ ପ୍ରସଙ୍ଗରେ ଏକ ଡିଷ୍ଟ୍ରିବ୍ୟୁଟର୍ ସଂସ୍ଥା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଅଦାଲତ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ଏହି ମାମଲାର ଶୁଣାଣି କରି ରାଜ୍ୟ ଔଷଧ ନିୟନ୍ତ୍ରକଙ୍କୁ ପରବର୍ତ୍ତୀ ଶୁଣାଣି ସମୟରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପୂଜା ଏଣ୍ଟରପ୍ରାଇଜେସ୍ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପଟରେ ଆଜି ଡ୍ରଗ୍ସ ଇନସ୍ପେକ୍ଟର ମଧ୍ୟ ହାଇକୋର୍ଟରେ ଉପସ୍ଥିତ ରହି ପକ୍ଷ ରଖିଥିଲେ । ବିଶେଷକରି ଆବେଦନକାରୀ ବିତରଣ ସଂସ୍ଥା ବାହାର ଏକ କମ୍ପାନୀରୁ ବ୍ୟାଚ ନମ୍ବର ଓ ଲାଇସେନ୍ସ ନମ୍ବର ଉଲ୍ଲେଖ ଥିବା ଔଷଧ କ୍ରୟ କରିଥିଲେ । ତେବେ ପରବର୍ତ୍ତୀ ସମୟରେ ଏହା ନକଲି ଔଷଧ ଓ ଏଭଳି ବ୍ୟାଚ ନମ୍ବର ଓ ଲାଇସେନ୍ସ ନମ୍ବର ନକଲି ଥିବା ଜଣାପଡ଼ିଥିଲା । ଏଭଳି ସ୍ଥିତିରେ କ୍ରେତା ଔଷଧ ବିତରକ ସଂସ୍ଥା କିଭଳି ଔଷଧ କମ୍ପାନୀ ନକଲି କିମ୍ବା ବ୍ୟାଚ୍ ଓ ଲାଇସେନ୍ସ ନକଲି ବୋଲି ଜାଣିପାରିବ, ତାହା ଚିହ୍ନଟ ପାଇଁ କ'ଣ ବ୍ୟବସ୍ଥା ରହିଛି; ସେ ସମ୍ପର୍କରେ ଅଦାଲତ ପ୍ରଶ୍ନ କରିଥିଲେ । ଏଥିପାଇଁ ଔଷଧ ନିୟନ୍ତ୍ରକଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ କହିଛନ୍ତି ଅଦାଲତ । ଆସନ୍ତା ୧୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି ।

■ **ଚାଲିଛି ରମଜାନ ମାସ**

## ବିଭିନ୍ନ ମସ୍‌ଜିଦ ବୁଲି ସ୍ଥିତି ଅନୁଧ୍ୟାନ କଲେ ମେୟର ଓ କମିସନର




**କଟକ, ୧୪ ।୩(ସମିସ):** ଆଜି ସକାଳ ସମୟରେ କଟକ ମହାନଗର ନିଗମର ମେୟର ସୁବାସ ସିଂ ଓ କମିଶନର ବିଜୟ କୁମାର ଦାସ କଟକ ସହରରେ ଥିବା ବିଭିନ୍ନ ମସଜିଦକୁ ଯାଇ ସେଠାକାର ସ୍ଥିତି ଅନୁଧ୍ୟାନ କରିଛନ୍ତି । ସ୍ଥାନୀୟ ମୁସଲିମ ସମ୍ପ୍ରଦାୟର ଲୋକମାନେ ରମଜାନ ମାସରେ କି ପ୍ରକାର ସମସ୍ୟା ଉପୁଜୁଛି ସେ ବିଷୟରେ ମେୟର ଓ କମିଶନରଙ୍କୁ ଅବଗତ କରାଇଥିଲେ । ଏଥିସହିତ ମେୟର ମସଜିଦର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସଫେଇ କାର୍ଯ୍ୟର ଅନୁଧ୍ୟାନ କରିଥିଲେ । ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଏ.ଶ୍ରୀଦେବୀ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୂଳିଆ, କର୍ପୋରେଟର ମହମ୍ମଦ ଇଫତିକାର ଆଲାମ, କର୍ପୋରେଟର କୁରେଷା ନୂର, କର୍ପୋରେଟର କେ.ଜେଡ.ଆଫ୍ରିନ, ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, ସିଟି ଇଂଜିନିୟର ଅତନୁ ସାମନ୍ତ, ମୁସଲିମ ସମ୍ପ୍ରଦାୟରୁ ରମଜାନ ଖାନ, ଅବଦୁଲ ଆହାଦ, ଏକରମ ହୁସେନ, ଆୟୁବ ଖାନ, ସେକ ରସିଦ, ସେକ କମୁରଉଦ୍ଦିନ, ସରିଫ ମହମ୍ମଦ, ସେକ ହାଜୀ, ସେକ ରୁବି, ସୟିଦ ଶେଖାୱତ୍ ଅଲ୍ଲି, ସକିଲ ଅଖତାର ସମସ୍ତ ମସଜିଦ ମାନଙ୍କର କମିଟି ସଦସ୍ୟ, ଦେବେନ୍ଦ୍ର ପାଣିଗ୍ରାହୀ, କାଳିଚରଣ ପାଣିଗ୍ରାହୀ, ଜଗନ୍ନାଥ ସ୍ୱାଇଁ, ଜନ ଆଶିଷ ବରାଳ, ମିହିର ରଞ୍ଜନ ସାହୁ, ଏନ. ନିଖିଳ କୁମାର ପ୍ରମୁଖ ଉପସ୍ଥିତ ଥିଲେ ।

## ଡ୍ରିମ୍‌ସ ଆଇଟିଆଇ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**କଟକ, ୧୪।୩(ସମିସ)**




ଡ୍ରିମ୍‌ସ ଆଇଟିଆଇର ୧୬ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଛି । ଦୁଇଦିନ ଧରି ଚାଲିଥିବା ଏହି କ୍ରୀଡା ପ୍ରତିଯୋଗିତାରେ କ୍ରିକେଟ, ଭଲିବଲ, ବ୍ୟାଡମିଣ୍ଟନ, କବାଡି ସମେତ ବିଭିନ୍ନ ଖେଳକୁଦ ସାମିଲ ହୋଇଥିଲା । କ୍ରିକେଟ ଓ ବ୍ୟାଡମିଣ୍ଟନରେ ଫିଟର ଦ୍ୱିତୀୟ ବର୍ଷ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲା । ସେହିଭଳି ଦଉଡି ଟଣାରେ ଇଲେକ୍ଟ୍ରିସିଆନ୍ ବିଭାଗ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ କବାଡି ଓ ଭଲିବଲରେ ଫିଟର ପ୍ରଥମ ବର୍ଷ ଚାମ୍ପିଅନ୍ ଟ୍ରଫି ହାସଲ କରିଥିଲା । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ମୁଖ୍ୟ ଅତିଥି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ସମ୍ମାନିତ ଅତିଥି କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ଯୋଗଦେଇଥିଲେ । ଉତ୍ସବରେ ପୌରୋହିତ୍ୟ କରି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଡ୍ରିମ୍‌ସ ଆଟିଆଇ ପ୍ରଶିକ୍ଷାର୍ଥୀ ଜାତୀୟ ଓ ଆନ୍ତର୍ଜାତିକସ୍ତରରେ ଶ୍ରେଷ୍ଠତା ପ୍ରଦର୍ଶନ କରିବା ଆନନ୍ଦର ବିଷୟ ବୋଲି ପ୍ରକାଶ କରିଥିଲେ । ଅଧ୍ୟକ୍ଷ ଇଂ ଶିଶିର କୁମାର ସାହୁ ବିବରଣୀ ଉପସ୍ଥାପନ ଓ ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ସ୍ୱାଗତ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉପାଧ୍ୟକ୍ଷ ଇଂ ପ୍ରଶାନ୍ତ କୁମାର ନାୟକ ଧନ୍ୟବାଦ ଦେଇଥିଲେ ।

# ବିଏସ୍‌କେୱାଇ ନବୀନ କାର୍ଡ ଓ ଭତ୍ତା ବଣ୍ଟନ

**ତିଗିରିଆ, ୧୪।୩ (ସମିସ):** ତିଗିରିଆ ବ୍ଲକ ଅନ୍ତର୍ଗତ ସମୁଦାୟ ୧୪ଟି ପଞ୍ଚାୟତରେ ନୂତନ ଭାବେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ବୁଧବାର ଏହି ବ୍ଲକ ଅନ୍ତର୍ଗତ ନିଜିଗଡ଼ ଗାନ୍ଧୀସ୍ମୃତୀ ପଡ଼ିଆରେ ବିଏସକେୱାଇ ନବୀନ କାର୍ଡ ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତିଗିରିଆ ବ୍ଲକ ଅଧକ୍ଷା ସଂଧ୍ୟାରାଣୀ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଆଠଗଡ଼-ତିଗିରିଆ ବିଧାୟକ ତଥା ରାଜ୍ୟ କୃଷି କୃଷକ ସଶକ୍ତିକରଣ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ନୂତନ ହିତାଧିକାରୀଙ୍କୁ ବିଏସକେୱାଇ ନବୀନ କାର୍ଡ ଓ ଭତ୍ତା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ରୂପେ ବ୍ଲକ ଉପାଧକ୍ଷ ମାନସ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲୀକ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ପୂର୍ବତନ ବ୍ଲକ ଅଧକ୍ଷା ରୂପା ଦଳେଇ, ପ୍ରଦୀପ୍ତ କୁମାର ଦାସ, ମିତାଲୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବ୍ଲକର ୧୭୨ ଜଣ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପ୍ରଦାନ କରିବା ସହ ୫୫୯ଟି ପରିବାରକୁ ବିଏସକେୱାଇ ନବୀନ କାର୍ଡ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।




## ଦୂର ହେବ ମଉଦା ପଞ୍ଚାୟତବାସୀଙ୍କ ଦୁଃଖ

# ସୁକନଦୀ ଉପରେ ନୂତନ ସେତୁର ଶିଳାନ୍ୟାସ

**ମାହାଙ୍ଗା, ୧୪।୩(ସମିସ)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଉଦା ପଞ୍ଚାୟତସ୍ଥିତ ତ୍ରିବେଣୀଶ୍ୱର-ମଉଦା ରାସ୍ତାର ସୁକ ନଦୀ ଉପରେ ଏକ ନୂତନ ସେତୁର ଶୁଭ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକ

**● ୩ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟବରାଦ**

ଅଧକ୍ଷା ଦୀପା ମଲିକ ମୁଖ୍ୟଅତିଥିଭାବେ ଯୋଗଦେଇ ୩ କୋଟି ୭୦ ଲକ୍ଷ ବ୍ୟୟ ଅଟକଳର ସେତୁର ଶୁଭ ଶିଳାନ୍ୟାସ କରି ଗମନାଗମନ କ୍ଷେତ୍ରରେ ନବୀନ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଏହି ସେତୁ ନିର୍ମାଣ ହେଲେ ୧୦ଟି ପଞ୍ଚାୟତର ଜନସାଧାରଣମାନେ ଉପକୃତ ହେବା ସହ ପଡୋଶୀ ସାଲେପୁର ବ୍ଲକର ଜନସାଧାରଣମାନେ ସୁବିଧାରେ ଗମନାଗମନ କରିପାରିବେ। ବ୍ଲକ ଉପାଧକ୍ଷ ସତ୍ୟ ନାରାୟଣ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ସୁଶ୍ମିତା ଦାସ, ସରପଞ୍ଚ ଚିନ୍ମୟୀ ବରାଳ, ସମିତିସଭ୍ୟା ଭାରତୀ ମିଶ୍ର, ଯୁବନେତା ପ୍ରୀତମ କାନୁନଗୋ, ମାନସ ରଞ୍ଜନ ବେହେରା, ନରେନ୍ଦ୍ର ବେହେରା, ପଞ୍ଚାୟତ ବିଜେଡି ସଭାପତି ସୂର୍ଯ୍ୟ କୁମାର ଦ୍ୱିବେଦୀ, ଶ୍ରୀନିବାସ ନାୟକ, ପ୍ରତାପ ବେହେରା, ପ୍ରେମଲତା ପରିଡ଼ା, ସାବିତ୍ରୀ ମିଶ୍ର, ଲିଳିମା ତରାଇ, ପ୍ରିୟଦର୍ଶନୀ ପଣ୍ଡା, ଅକ୍ଷୟ ତରାଇ, ଜନ୍ମେଜୟ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ସୂର୍ଯ୍ୟକୁମାର ପଲେଇ, ଅନୁପମ ମିଶ୍ରଙ୍କ ସମେତ ବିଜେଡି କର୍ମକର୍ତ୍ତା ଓ ମହିଳାମାନେ ଯୋଗଦେଇଥିଲେ।



# ମନ୍ଦିରର ଡିପିଆର ଦେବା ପାଇଁ ପୂର୍ତ୍ତ ବିଭାଗର ଟାଳଟୁଳ ନୀତି

**କଟକ, ୧୪।୩(ସମିସ):** କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ସ୍ଥିତ ପରମହଂସ ନାଥ ଦେବଙ୍କ ମନ୍ଦିରର ବିକାଶ କାର୍ଯ୍ୟକ୍ରମ ପୂର୍ତ୍ତବିଭାଗ ଆନୁକୂଲ୍ୟରେ ୩ ମାସ ହେବ ଚାଲିଛି। କିନ୍ତୁ ଏହି ମନ୍ଦିର ପାଇଁ ପ୍ରସ୍ତୁତ ଡିପିଆର (ବିସ୍ତୃତ ପ୍ରକଳ୍ପ ତାଲିକା) ଆଜି ପର୍ଯ୍ୟନ୍ତ ରାଜ୍ୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାକୁ କଟକ ସ୍ଥିତ ରାସ୍ତା ଓ କୋଠାବାଡି ଡିଭିଜନ ପକ୍ଷରୁ ହସ୍ତାନ୍ତର କରାଯାଇ ନାହିଁ ବୋଲି ସଂସ୍ଥାର ବରିଷ୍ଠ ସହକାରୀ ଯନ୍ତ୍ରୀ ସରୋଜ କୁମାର ନନ୍ଦ ପତ୍ର ସଂଖ୍ୟା ୨୪୭୩/୭।୩।୨୦୨୪ ଜଣାଇଛନ୍ତି। ଏହି ମନ୍ଦିର ପାଇଁ ୪ କୋଟି ୯୬ ଲକ୍ଷ ୪୦ ହଜାର ଟଙ୍କା ମଞ୍ଜୁର ହୋଇଥିଲେ ସୁଦ୍ଧା ୧ କୋଟି ଟଙ୍କାର ଟେଣ୍ଡର କରା ନ ଯାଇ ପୂର୍ତ୍ତ ବିଭାଗ ନିଜ ହାତରେ ରଖିଥିବା ଜଣାପଡ଼ିଛି। ୧୯୯୮ ମସିହାରୁ ରାଜ୍ୟ ଆଇନ ବିଭାଗ ଏହି ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ହସ୍ତାନ୍ତର କରିସାରିଛି। ମାତ୍ର ସମ୍ପୃକ୍ତ ସଂସ୍ଥାର ବିନା ଅନୁମତିରେ ରୂପାନ୍ତରିକରଣ କାର୍ଯ୍ୟ ଚାଲିଛି। ଏନେଇ କଟକ ସ୍ଥିତ ରାସ୍ତା ଓ କୋଠାବାଡ଼ି ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ଅନୁପ କୁମାର ବେହେରା କୌଣସି ମତ ରଖି ନାହାନ୍ତି।

# ଟାଙ୍ଗୀକୁ ଏନ୍‌ଏସି ମାନ୍ୟତା ପାଇଁ ସରକାରଙ୍କୁ ଦାବି

**ଟାଙ୍ଗୀ, ୧୪।୩(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ଦେବା ପାଇଁ ଅତୀତରେ ଅଞ୍ଚଳବାସୀଙ୍କ ତରଫରୁ ସରକାରଙ୍କ ବାରମ୍ବାର ଦୃଷ୍ଟିଗୋଚର କରାଯାଇଥିଲା। ସଦ୍ୟ ପ୍ରକାଶିତ ତାଲିକାରେ ଟାଙ୍ଗୀର ନାମ ନାହିଁ। ଏଥିନିମନ୍ତେ ଜୟ ଟାଙ୍ଗୀ ସଙ୍ଗଠନ ତରଫରୁ ୫-ଟି ଅଧକ୍ଷଙ୍କୁ ଗୁରୁବାର ଆବେଦନ ମାଧ୍ୟମରେ ଗୁହାରି କରାଯାଇଛି। ଯଦି ଟାଙ୍ଗୀକୁ ଏନଏସି ମାନ୍ୟତା ଦିଆ ନ ଯାଏ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରାଯିବ ବୋଲି ସଂଗଠନର ଅବସରପ୍ରାପ୍ତ ପୁଲିସ ଅଧିକାରୀ ବିଜୟ ସାହୁ, ଅଜୟ ପୃଷ୍ଟି, ବାବାଜୀ ମହାନ୍ତି ଓ ଅକ୍ଷୟ ବେହେରା ପ୍ରମୁଖ ଜଣାଇଛନ୍ତି।

# ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




**ବାଙ୍କୀ, ୧୪।୩(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷାବିଭାଗ ତରଫରୁ ଶେଷବର୍ଷ ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଆଜି କଲେଜ ଦୃଶ୍ୟଶ୍ରାବ ଗୃହ ଠାରେ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ। ଉକ୍ତ ଉତ୍ସବରେ ବିଭାଗୀୟ ମୁଖ୍ୟ ସୁକାନ୍ତ କୁମାର ପ୍ରଧାନ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡକ୍ଟର ଶଶିଭୂଷଣ ମହାପାତ୍ର, ଅଧ୍ୟାପିକା ଜ୍ୟୋର୍ତିମୟୀ ପାଢ଼ୀ, ଅଧ୍ୟାପିକା ଏଲିଜା ମହାପାତ୍ର, ଅଧ୍ୟାପକ ଶିବାନୀ ଦେବଦର୍ଶିନୀ ପ୍ରଧାନ, ଅଧ୍ୟାପକ ବିପ୍ରବର ରାଉତ, ଅଧ୍ୟାପିକା ଦୁର୍ଗେଶ୍ୱରୀ ନାୟକ ଓ ସଂହମିତା ଦାସ ପ୍ରମୁଖ ଯୋଗଦାନ କରି ବିଦାୟ ନେଇଥିବା ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶ୍ରୀ ନିବେଦିତା ମହାପାତ୍ର ସଭା ପରିଚାଳନା କରିଥିବା ବେଳେ ରିତୁରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଏକ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ ବିଧାୟକ

**ମାହାଙ୍ଗା, ୧୪।୩(ସମିସ):** ମାହାଙ୍ଗା ବିଧାୟକ ପ୍ରତାପ ଜେନା ମାହାଙ୍ଗା ପଞ୍ଚାୟତ ଗସ୍ତ କରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ ପରିଚାରକ ନୂତନ ଗୃହ ଓ ଚକ୍ଷୁ ପରୀକ୍ଷା କେନ୍ଦ୍ରର ନୂତନ ଗୃହର ଶୁଭ ଉଦ୍‌ଘାଟନ କରିଥିଲେ। ପରେ ବରାହିପୁର ପଞ୍ଚାୟତ ଗସ୍ତ କରି ତିନି କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଂଜୁର କରାଯାଇ ଦେବରିଓ-କେଉଟି ଖଣ୍ଡି ନୂତନ ସେତୁର ଶୁଭ ଶିଳାନ୍ୟାସ କରିଥିଲେ। ଯାହା ଫଳରେ ବରାହିପୁର ଓ ପାଇକରାପୁର ପଞ୍ଚାୟତର ଜନସାଧାରଣମାନେ ଉପକୃତ ହୋଇପାରିବେ ବୋଲି କହିବା ସହ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଦୀପା ମଲିକ, ଉପାଧକ୍ଷ ସତ୍ୟ ନାରାୟଣ ମହାନ୍ତି, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଜିଲ୍ଲା ପରିଷଦ ସଭ୍ୟା ସୁଶ୍ମିତା ଦାସ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମାହାଙ୍ଗା ସରପଞ୍ଚ ବେବିନା ଜେନା, ବରାହିପୁର ସରପଞ୍ଚ ରଶ୍ମିତା ସ୍ୱାଇଁ, ସମିତିସଭ୍ୟା ଅନ୍ନପୂର୍ଣ୍ଣା ସାହୁ, ପ୍ରତାପ ପରିଡ଼ା, ସଞ୍ଜୟ ସାମଲ, ମହିଳା ଫେଡେରେସନ ସଭାନେତ୍ରୀ ସସ୍ମିତା ମହାନ୍ତି, ସଂପାଦିକା ମମତା ରାଉତ ଯୋଗଦେଇଥିବାବେଳେ ବହୁ ବିଜେଡି କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।



# ଶ୍ରମିକଙ୍କ ଦାବି ମାନିଲା ଓରିକ୍ଲିନ୍, ଆନ୍ଦୋଳନ ପ୍ରତ୍ୟାହୃତ



**ଟାଙ୍ଗୀ, ୧୪।୩(ସମିସ):** ଦରମା ବୃଦ୍ଧି ଓ ବିଭିନ୍ନ ଦାବିନେଇ ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀସ୍ଥିତ ଡିଟରଜେଣ୍ଟ କମ୍ପାନୀ ଓରିକ୍ଲିନରେ ବୁଧବାର ଠାରୁ ଆରମ୍ଭ ହୋଇଥିବା ଶ୍ରମିକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଗୁରୁବାର ସନ୍ଧ୍ୟାରେ ପ୍ରତ୍ୟାହୃତ ହୋଇଛି। ଶ୍ରମିକଙ୍କ ପାରିଶ୍ରମିକ ବୃଦ୍ଧି ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ ନିମନ୍ତେ କମ୍ପାନୀ କର୍ତ୍ତୃପକ୍ଷ ରାଜି ହେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଜାଣିବାକୁ ମିଳିଛି। ସୂଚନା ଅନୁଯାୟୀ ମାସିକ ଦରମା ୫ହଜାର ଟଙ୍କା ବୃଦ୍ଧି ଓ ଅନ୍ୟାନ୍ୟ ଦାବିନେଇ କମ୍ପାନୀର ସମସ୍ତ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ। ରାଜ୍ୟ ସରକାର ଗୁରୁବାର ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି କରିଥିବାବେଳେ ପୂର୍ବାହ୍ନରେ ଡିଭିଜନାଲ ଲେବର କମିଶନର ଘଟଣାସ୍ଥଳରେ ପହଞ୍ଚି ଉଭୟ କମ୍ପାନୀ ଓ ଶ୍ରମିକ ପ୍ରତିନିଧିଙ୍କ ସହ ଦୀର୍ଘ ଆଲୋଚନା କରିଥିଲେ। ଆସନ୍ତା ୧୯ ତାରିଖରେ ଏହା ବିଧିବଦ୍ଧ ଘୋଷଣା କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା।

# ଲକ୍ଷେଶ୍ୱର ମହାଦେବଙ୍କ ଜନ୍ମୋତ୍ସବ

**ଫୁଲନଖରା, ୧୪।୩(ସମିସ):** ପ୍ରତିବର୍ଷ ଭଳି ଫାଲ୍‌ଗୁନ ଶୁକ୍ଳପକ୍ଷ ଚତୁର୍ଥୀ ଅବସରରେ ଗର୍ଭଗୃହରେ ଶ୍ରୀ ଲକ୍ଷେଶ୍ୱରଙ୍କ ଚଳନ୍ତି ପ୍ରତିମା ଶ୍ରୀ ଚନ୍ଦ୍ରଶେଖର ଦେବଙ୍କ ଜନ୍ମୋତ୍ସବ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଭୋର ୪ ଘଟିକା ସମୟରେ ସମସ୍ତ ନୀତିକାନ୍ତି ସହ ମଙ୍ଗଳ ଆଳତୀ ପରେ ଚନ୍ଦ୍ରଶେଖର ଦେବଙ୍କୁ ନୂତନ ବସ୍ତ୍ର ପରିଧାନ ପୂର୍ବକ ସେବାୟତଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ସଂପାଦିତ କରାଯାଇଥିଲା। ଏହି ଅବସରରେ ହନୁମାନ ଚାଳିଶା ପାଠ କରାଯିବା ସହ ଖିରୀ ଖେଚୁଡି ଭୋଗ କରାଯାଇ ଭକ୍ତମାନଙ୍କୁ ବଣ୍ଟନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସେବାୟତମାନେ ପରିଚାଳନା କରିଥିବା ବେଳେ ଟ୍ରଷ୍ଟ ବୋର୍ଡର ସଭାପତି ଗୁଣନିଧି ପଟ୍ଟନାୟକ, ଟ୍ରଷ୍ଟି ବଂଶୀଧର ଭୋଳ, ଉପଦେଷ୍ଟା ମଣ୍ଡଳୀର ପ୍ରଶାନ୍ତ ମହାନ୍ତି, ପ୍ରସନ୍ନ ମହାନ୍ତି, ବିଚିତ୍ରାନନ୍ଦ ଦଳାଇ, ଅନିଲ ମହାନ୍ତି, ଗଣେଶ ଚନ୍ଦ୍ର ମହାନ୍ତି, ନରେଶ ମହାନ୍ତି, ସୁଧାକର ସ୍ୱାଇଁ ପ୍ରମୁଖ ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଗଞ୍ଜେଇ ସହ ବଲେରୋ ଜବତ, ଜଣେ ଗିରଫ

**ସାଲେପୁର, ୧୪।୩(ସମିସ):** ଆଜି ସାଲେପୁର ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରି ଏକ ବୋଲେରୋରେ ଚାଲାଣ ହେଉଥିବା ଗଞ୍ଜେଇ ଜବତ କରିଥିବାବେଳେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ସାଲେପୁର ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ ଯେ ଆଜି ସକାଳୁ କଟକରୁ ସାଲେପୁର ଅଭିମୁଖେ ଏକ ବୋଲେରୋରେ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସାଲେପୁର ଅବକାରୀ ଥାନା ଅଧିକାରୀ ବିଜୟ ଭୂଷଣ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ କଟକ-ସାଲେପୁର ରାସ୍ତାର ନାଦୋଳଗଡ଼ା ନିକଟରୁ ସଂପୃକ୍ତ ବୋଲେରୋକୁ ଅଟକାଇ ଯାଞ୍ଚ କଲାପରେ ଉକ୍ତ ବୋଲେରୋରେ ୨୧କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ମିଳିଥିଲା। ଅବକାରୀ ଅଧିକାରୀ ଗଞ୍ଜେଇ ସହ ଗାଡ଼ିକୁ ଜବତ କରି ଚୋରା ଗଞ୍ଜେଇ ବ୍ୟବସାୟୀ କେନ୍ଦ୍ରାପଡ଼ା ଜିଲ୍ଲା କଅଁରପାଳ ଗ୍ରାମର ଅମରେନ୍ଦ୍ର ଷଡ଼ଙ୍ଗୀଙ୍କୁ ଗିରଫ କରିଛି।



# ନିର୍ବାଚନ ସଂକ୍ରାନ୍ତ ଦିନିକିଆ ତାଲିମ ଶିବିର

**ଟାଙ୍ଗୀ, ୧୪।୩(ସମିସ):** ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରଶାସନିକ ପ୍ରସ୍ତୁତି ଜୋରଦାର ହୋଇଥିବାବେଳେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ପକ୍ଷରୁ ନିର୍ବାଚନ ସଂକ୍ରାନ୍ତ ଏକ ଦିବସୀୟ ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ତଥା ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ତାଲିକାଭୁକ୍ତ ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନେ ଅଂଶଗ୍ରହଣ କରିଥିଲେ।

# ପୁରାତନ ଛାତ୍ରସଂଘର ବନ୍ଧୁମିଳନ

**ଟାଙ୍ଗୀ, ୧୪।୩(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ସର୍ଦ୍ଦୋଳା ମିନି ଷ୍ଟାଡିୟମ ପରିସରରେ ଟାଙ୍ଗୀ ବିଦ୍ୟାପୀଠର ପୁରାତନ ଛାତ୍ରସଂଘ ୧୯୮୦ ମସିହା ବ୍ୟାଚର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସମସ୍ତେ ନିଜ ଜୀବନ କାହାଣୀ କହିବା ସହ ଆଗାମୀ ଦିନରେ ସାମାଜିକ କାର୍ଯ୍ୟ କରିବେ ବୋଲି ସ୍ଥିର କରିଛନ୍ତି। ମନୋଜ ରାଉତରାୟ, ଅଶୋକ ପୃଷ୍ଟି, ଭାଗ୍ୟଧର ସେଠୀ, ପତିତପାବନ ପୃଷ୍ଟି, ସୁରେଶ ଦାସ, ତୁଷାର ରଞ୍ଜନ ଭୂୟାଁ ଓ ଅନ୍ୟ ୩୦ଜଣ ବନ୍ଧୁ ଯୋଗଦାନ କରିଥିଲେ।



# କଂଗ୍ରେସର ସାଂଗଠନିକ ବୈଠକ ଓ କର୍ମୀ ସମ୍ମିଳନୀ

**କଣ୍ଟାପଡ଼ା, ୧୪।୩(ସମିସ):** କଂଗ୍ରେସର ସାଂଗଠନିକ ବୈଠକ ଓ କର୍ମୀ ସମ୍ମିଳନୀ ଅଡଶପୁରସ୍ଥିତ ଜୟଦେବଙ୍କ ସାଧନା ପୀଠରେ ବ୍ଲକ କଂଗ୍ରେସ ସଭାପତି ଭରତ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଦେଶ କଂଗ୍ରେସ ଇସ୍ତାହାର କମିଟି ମୁଖ୍ୟ ପଞ୍ଚାନନ କାନୁନ୍‌ଗୋ, ସାଧାରଣ ସଂପାଦକ ଆଲୋକ କୁମାର ଲେଙ୍କା, ପୁରୁଣା ଗୋବିନ୍ଦପୁର ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ରବୀନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ମହିଳା କଂଗ୍ରେସ ସଭାପତି ନମିତା ଦାସ, ଇଂ ଜ୍ୟୋତି ରଞ୍ଜନ ମଲ୍ଲିକ ଏବଂ ରାଜ୍ୟ ଓ ଜିଲ୍ଲାସ୍ତରୀୟ ନେତୃବୃନ୍ଦ ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନ ପାଇଁ ନିଆଳୀ ନିର୍ବାଚନ ମଣ୍ଡଳୀରେ ସଂଗଠନକୁ ଅଧିକ ସୁଦୃଢ କରିବା ପାଇଁ ଉପସ୍ଥିତ କର୍ମୀ ଓ ପଞ୍ଚାୟତସ୍ତରୀୟ ନେତୃବୃନ୍ଦଙ୍କୁ ଆହ୍ୱାନ ଦେଇଥିଲେ। ପୂର୍ବାହ୍ନରେ ତଣ୍ଡିକଣା ବଜାରରୁ ଏକ ମୋଟର ସାଇକଲ ରାଲି ଅଡଶପୁର ବଜାର ପରିକ୍ରମା କରି ଜୟଦେବଙ୍କ ସାଧନାପୀଠରେ ପହଞ୍ଚିବା ପରେ କଣ୍ଟାପଡ଼ା ପଞ୍ଚାୟତସମିତିର ପୂର୍ବତନ ଅଧକ୍ଷ ସ୍ୱର୍ଗତ ବିପିନ ପାତ୍ରଙ୍କ ଅକାଳ ବିୟୋଗରେ ନୀରବ ପ୍ରାର୍ଥନା କରି ସମସ୍ତେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବାହାନ ପରିଡ଼ାଙ୍କ ତତ୍ତ୍ୱବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାବୁଲି ପ୍ରଧାନ, ଟୁକୁ ପାତ୍ର, ପ୍ରଦ୍ୟୁମ୍ନ ଖଟାଇ, ପ୍ରକାଶ ପ୍ରଧାନ, ନିଳମଣୀ ରାଉତ, ତ୍ରିଲୋଚନ ବେହେରା, ଗଣେଶ ଭୋଇ, ଦୁଃଖିଶ୍ୟାମ ବେହେରା, ବୁଲା ଭୋଇ ପ୍ରମୁଖ ପୂର୍ବତନ ସରପଞ୍ଚ ସମିତିସଭ୍ୟ କର୍ମୀମାନେ ଯୋଗଦେଇଥିଲେ।

# ଉନ୍ନୟନ କାର୍ଯ୍ୟ ଶିଳାନ୍ୟାସ ଓ ଉଦ୍‌ଘାଟନ

**ସାଲେପୁର, ୧୪।୩(ସମିସ)**

ଆଜି ଅପରାହ୍ନରେ ସାଲେପୁର ପ୍ରାଣୀଚିକିତ୍ସା କାର୍ଯ୍ୟାଳୟର ନୂତନ ଗୃହର ଶୁଭ ଉଦ୍‌ଘାଟନ ଉତ୍ସବ ଓ ସାଲେପୁର ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟର ଶୁଭ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ସାଲେପୁର ପ୍ରାଣୀ ଚିକିତ୍ସାଳୟ ପରିସରରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ନୂତନ ଗୃହର ଶୁଭ ଉଦ୍‌ଘାଟନ କରିବା ସହ ସାଲେପୁର ଡାକପୋଲ ନିକଟରେ ସାଲେପୁର ବସ୍‌ଷ୍ଟାଣ୍ଡର ଶୁଭ ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ, ଉପାଧକ୍ଷା ପୁଷ୍ପାଞ୍ଜଳି ବିଶ୍ୱାଳ, ଜିଲ୍ଲାପରିଷଦ ସଭ୍ୟ ନମିତା ସେଠୀ, ମଣ୍ଡଳ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଦୀପକ ସେନାପତି, ଆମ୍ବ୍ରାର ଅଧକ୍ଷ ଦିଲ୍ଲୀପ ଦାଶ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ସଭ୍ୟା ରଞ୍ଜିତା ସେଠୀ, ହରପ୍ରସନ୍ନ ବେହେରା, ନମିତା ସେଠୀ, ଯୁବ ସମାଜସେବୀ ନନ୍ଦକିଶୋର ଭୂୟାଁ, ନବକିଶୋର କର, ବିରଞ୍ଚିନାରାୟଣ କର, ରାଜେଶ ମହାନ୍ତି, ସୌମ୍ୟରଞ୍ଜନ ମଲ୍ଲ, ଚନ୍ଦ୍ରାଦେଇପୁର ସମିତିସଭ୍ୟା ପୁଷ୍ପିତା ଭୂୟାଁ, ବାଲିସାହି ସମିତିସଭ୍ୟା ଗୌତମୀ ମଲ୍ଲିକ, ସରପଞ୍ଚ ପବିତ୍ର ସାମଲ, ଜ୍ଞାନରଞ୍ଜନ ପଟ୍ଟନାୟକ, ସାଂସଦ ପ୍ରତିନିଧି ଗୁଲରେଜ୍ ଅଲ୍ଲୀ, ଯୁବବିଜେଡି ସଭାପତି ସଞ୍ଜିତ୍ ଦାଶ, ଛାତ୍ରବିଜେଡି ସଭାପତି ଶୁଭମ୍ ଦାଶ, ବିଭୁତିଭୂଷଣ ଦାଶ, ସେକ୍ ସମିମ୍ ଅଖତରଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଏବଂ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ।




# କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ; ଆଭେଞ୍ଜର ୱାରିୟର ଚାମ୍ପିଅନ

**କଟକ, ୧୪।୩(ସମିସ):** କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତର ସିଦ୍ଧେଶ୍ୱରପୁର-କମାପୁର ଗ୍ରାମରେ କ୍ରିକେଟ ପ୍ରିମିୟର ଲିଗ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ରାତ୍ରିକାଳୀନ ଫ୍ଲଡଲାଇଟରେ ଅନୁଷ୍ଠିତ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୬ଟି ଦଳ ଭାଗନେଇଥିଲେ। ଶେଷରେ ଫାଇନାଲ ମ୍ୟାଚ ବ୍ଲୁ ଇଗଲ ଓ ଆଭେଞ୍ଜର ୱାରିୟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ଲୁ ଇଗଲକୁ ହରାଇ ଆଭେଞ୍ଜର ୱାରିୟର ଚଳିତ ବର୍ଷର ଚାମ୍ପିଅନ ହୋଇଥିଲା। ଦଳ ପକ୍ଷରୁ ପରମାନନ୍ଦ ବେହେରା ଅପରାଜିତ ଅର୍ଦ୍ଧଶତକ ୫୨ରନ ସଂଗ୍ରହ କରି ମ୍ୟାନ ଓଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ସନ୍ଧ୍ୟାରେ ସାମାଜିକ କର୍ମୀ ତାପସ ରାଉତରାୟ ଉଦଘାଟନ କରିଥିବାବେଳେ ପୁରସ୍କାର ବିତରଣ ଉତ୍ସବରେ ପୁରାତନ ଖେଳାଳି ନିରୋଜ ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଦୁର୍ଲ୍ଲଭ ମହନ୍ତ, କାହ୍ନୁଚରଣ ଗୋଚ୍ଛାୟତ, ଅଚ୍ୟୁତାନନ୍ଦ ବେହେରା, ସଂଗ୍ରାମ କେଶରୀ ଭୋଇ, ନିର୍ମଳ ବେହେରା, ଦୀପୁନା ନାୟକ, ସାଗର ବେହେରା, ସୌମ୍ୟ ଭୋଇ, ଅଜୟ ବାରିକ ପ୍ରମୁଖ ସହଯୋଗ କରିଥିଲେ।



